# ବୀର ସିଂ ଚୌହାନ

# ବନାମ

# ହରିୟାଣା ରାଜ୍ୟ ଏବଂ ଅନ୍ୟଜଣେ

# ଜୁଲାଇ 7, 1997

# [କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ପଦୋନ୍ନତି – ଅବିଚାର – କର୍ମଚାରୀ, ଜଣେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦିଷ୍ଟ କାର୍ଯ୍ୟର ଚାକ୍ଷୁଷ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ସେ ସେହି ଅନୁଯାୟୀ ବିବୃତି ଦାଖଲ କରିଥିଲେ – ପରବର୍ତ୍ତୀ ସମୟରେ ଠିକାଦାର ଏବଂ କାର୍ଯ୍ୟ ସହିତ ଜଡ଼ିତ କର୍ମଚାରୀଙ୍କ ବିରୋଧରେ ଏଫ୍ ଆଇ ଆର୍ ପଞ୍ଜୀକୃତ ହୋଇଥିଲା – କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ସମସ୍ତ କର୍ମଚାରୀ ଯିଏ ନିଲମ୍ବନ ଅଧୀନରେ ରଖାଯାଇଥିବା ପୂର୍ବ ବିବୃତି ଦାଖଲ କରିଥିଲେ – ପୁନଃସ୍ଥାପନ ପରେ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଦୋନ୍ନତି ଦିଆଯାଇ ନଥିଲା ଯଦିଓ ତାଙ୍କ କନିଷ୍ଠମାନଙ୍କୁ ପଦୋନ୍ନତି ଦିଆଯାଇଥିଲା – ଉଚ୍ଚ ନ୍ୟାୟାଳୟ ହସ୍ତକ୍ଷେପ କରିବାକୁ ମନା କରିଦେଇଥିଲେ – ଅପିଲ ଉପରେ, ଦର୍ଶାଯାଇଥିଲା ଉତ୍ତରଦାତାମାନେ ପାଲଟା ସତ୍ୟପାଠ ଦାଖଲ କରିନଥିଲେ କି ନଥି ମଧ୍ୟ ଉପସ୍ଥାପନ କରିଥିଲେ – ତେଣୁ, ଅପିଲକାରୀଙ୍କ ମାମଲା ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ – ସରକାର ଚାରି ମାସ ମଧ୍ୟରେ ତାଙ୍କ ସେବା ନଥି ଆଧାରରେ ପଦୋନ୍ନତି ପାଇଁ ତାଙ୍କ ମାମଲା ବିଚାର କରିବାକୁ ବାଧ୍ୟ ହୋଇଥିଲେ – ଏପରି କରିବା ସମୟରେ ଏହା ତାଙ୍କ ଯାଞ୍ଚ ବିବୃତି ସମ୍ବନ୍ଧୀୟ ସାମଗ୍ରୀକୁ ବାଦ ଦେବ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4614/1997 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 7249/1994 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟଳୟର 13.9.95 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏ.ଏସ୍. ପୁଣ୍ଡିର ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

# ବି. ଏସ୍. ଚୌହାନ ବନାମ ରାଜ୍ୟ

ଉତ୍ତରଦାତାଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ନଥି ଉପସ୍ଥାପନ କରିବାକୁ ଏବଂ ଖଣ୍ଡନ ପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା; କିନ୍ତୁ ଖଣ୍ଡନ ପତ୍ର ଦାଖଲ କରାଯାଇ ନାହିଁ କିମ୍ବା ନଥି ମଧ୍ୟ ଦାଖଲ କରାଯାଇ ନାହିଁ । ଏଭଳି ପରିସ୍ଥିତିଗୁଡ଼ିକରେ, ଆମେ ନଥିରେ ଥିବା ସାମଗ୍ରୀ ଆଧାରରେ ଆଗକୁ ବଢ଼ିବା ପାଇଁ ବାଧ୍ୟ ଅଟୁ ।

ଅପିଲକାରୀ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବାବେଳେ, ଅଧୀକ୍ଷଣ ଯନ୍ତ୍ରୀଙ୍କ ଦ୍ୱାରା ଏପ୍ରିଲ 30, 1989 ରେ ସୋନେପତ ଜଳନିକାସ ବିଭାଗରେ ନିଷ୍ପାଦିତ ହୋଇଥିବା କାର୍ଯ୍ୟର ଚାକ୍ଷୁଷ ଯାଞ୍ଚ କରିବାକୁ କୁହାଯାଇଥିଲା । ସେ ମେ 2, 1989 ରେ ତାହା ସମ୍ପାଦିତ କରିଥିଲେ ଏବଂ ବିବୃତି ଦାଖଲ କରିଥିଲେ । ତତ୍ ପଶ୍ଚାତ୍ ଭାବେ, ଠିକାଦାର ଏବଂ ଅନ୍ୟ କର୍ମଚାରୀଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇଥିଲା । ଶ୍ରୀ ଓ. ପି. ଭିଜଙ୍କ ଦ୍ୱାରା ଦାଖଲ ହୋଇଥିବା ପରବର୍ତ୍ତୀ ବିବୃତି ଆଧାରରେ, ଚାକିରି ସହିତ ଜଡ଼ିତ ଅଧିକାରୀମାନଙ୍କ ବିରୋଧରେ 10 ଅଗଷ୍ଟ 1989 ରେ ଏକ ଏଫ୍ ଆଇ ଆର୍ ପଞ୍ଜୀକୃତ ହୋଇଥିଲା । ଏହା ପରେ, କର୍ଣ୍ଣାଲ ଜଳନିକାସ ମଣ୍ଡଳରେ 95 ଜଣ ବ୍ୟକ୍ତିଙ୍କୁ ନେଇ ଗଠିତ ସମଗ୍ର କର୍ମଚାରୀଙ୍କୁ ଏପ୍ରିଲ 1990 ରେ ନିଲମ୍ବନ କରାଯାଇଥିଲା । ଏହି କାରଣରୁ, ଅପିଲକାରୀଙ୍କୁ କାର୍ଯ୍ୟର ନିଷ୍ପାଦନ ତଥା ଚାକ୍ଷୁଷ ଯାଞ୍ଚର ବିବୃତି ପାଇଁ ମଧ୍ୟ ନିଲମ୍ବନ କରାଯାଇଥିଲା । ତାଙ୍କ ପୁନଃସ୍ଥାପନ ପରେ, ସେ ପଦୋନ୍ନତି ପାଇବାର ଥିଲା କିନ୍ତୁ ତାହା ଦିଆଯାଇ ନଥିଲା, ଯେତେବେଳେ କି ତାଙ୍କ କନିଷ୍ଠମାନଙ୍କୁ ପଦୋନ୍ନତି ଦିଆଯାଇଥିଲା । ଫଳସ୍ୱରୂପ, ସେ ରିଟ୍ ଆବେଦନ ମାଧ୍ୟମରେ ତାଙ୍କର ପଦୋନ୍ନତି ବିଷୟ ବିଚାର ନ କରିବାକୁ ଆପତ୍ତି କରିଥିଲେ ଯାହା ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ଖାରଜ ହୋଇଛି । ତେଣୁ ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ ।

ଅପିଲକାରୀଙ୍କ ବିରୋଧରେ କୌଣସି ଗୁରୁତ୍ୱପୂର୍ଣ୍ଣ ମାମଲା ଅଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ଆମେ ନଥି ଯାଞ୍ଚ କରିବାକୁ ଚାହୁଁଥିଲୁ । ଉତ୍ତରଦାତାମାନେ ଖଣ୍ଡନ ପତ୍ର ଦାଖଲ କରିନାହାଁନ୍ତି କିମ୍ବା ନଥି ମଧ୍ୟ ଉପସ୍ଥାପନ କରିନାହାଁନ୍ତି । ଏହି ପରିସ୍ଥିତିଗୁଡ଼ିକରେ, ଆମେ ଅପିଲକାରୀଙ୍କ ମାମଲା ଗ୍ରହଣ କରିବାକୁ ବାଧ୍ୟ ଯେ, ସେ ନିୟମାବଳୀ ଅନୁଯାୟୀ ପଦୋନ୍ନତି ପାଇଁ ବିଚାର କରାଯିବାକୁ ହକଦାର ଅଟନ୍ତି ତାହା ଗ୍ରହଣ କରିବାକୁ ବାଧ୍ୟ । ଏହି ଆଦେଶ ପ୍ରାପ୍ତ ହେବାର ଚାରି ମାସ ମଧ୍ୟରେ ତାଙ୍କ ସେବା ନଥି ଆଧାରରେ ପଦୋନ୍ନତି ପାଇଁ ତାଙ୍କ ମାମଲାକୁ ବିଚାର କରିବାକୁ ଆମେ ସରକାରଙ୍କୁ ନିର୍ଦ୍ଦେଶ ଦେଉଛୁ । ଏପରି କରିବା ସମୟରେ, ସରକାର ତାଙ୍କ ଯାଞ୍ଚ ବିବୃତି ସମ୍ବନ୍ଧୀୟ ସାମଗ୍ରୀକୁ ବାଦ ଦେବେ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ